# ବିଭିନ୍ନ ଅଞ୍ଚଳର ମଦଭାଟି ଭାଙ୍ଗିଲେ ଶତାଧିକ ମହିଳା

କୁନ୍ଦୁରା,୧୬।୪(ସନ୍ତୋଷ ପ୍ରହରାଜ)



ମଦଭାଟି ଭାଙ୍ଗିବାକୁ ଆସିଥିବା ମହିଳାମାନେ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଣ୍ଡୁଆଗୁଡ଼ା ସରପଞ୍ଚ ଦୂତୀ ଭୂମିଆଙ୍କ ନେତୃତ୍ୱରେ ଶତାଧିକ ମହିଳା ଗୁରୁବାର ମଦ ଭାଟି ଭାଙ୍ଗିଛନ୍ତି। ପଞ୍ଚାୟତର ବାଲାଗୁଡ଼ା, ପୂଜାରୀଗୁଡ଼ା ଓ ଗରାହାଣ୍ଡି ଆଦି ଗାଁରେ ଥିବା ଦେଶୀ ମଦଭାଟି ଥିବାରୁ ଦୈନିକ ମଦପିଇ ଧନ ଜୀବନ କ୍ଷତି ହେଉଛି। ବୟସ୍କଙ୍କ ସମେତ କମ୍ ବୟସର ପିଲାମାନେ ମଦ ପିଉଛନ୍ତି। ଏ ନେଇ ସପ୍ତାହେ ତଳେ କୁନ୍ଦୁରା ଥାନା ଓ ପରେ ଉପଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ପୋଲିସ ପକ୍ଷରୁ ଗାଁରେ ଚଡାଉ କରାଯାଇଥିଲା। କିନ୍ତୁ ଏଥିରେ କୌଣସି ସୁଫଳ ମିଳି ନ ଥିଲା। ପୋଲିସ ପକ୍ଷରୁ କୌଣସି ସନ୍ତୋଷଜନକ କାର୍ଯ୍ୟାନୁଷ୍ଠାନ ନ ହେବାରୁ ମହିଳାମାନେ ମଦଭାଟି ଭାଙ୍ଗିବା ନିଷ୍ପତ୍ତି ନେଇଥିଲେ। ବୁଧବାର ଗରାହାଣ୍ଡି, ଡୁରୁକାଗୁଡ଼ା, ପୂଜାରୀଗୁଡ଼ା, ପୁରୀସାହି, ବୁରୁଗୁଡ଼ା ଓ ଚିକିମିଆଗୁଡ଼ା ଆଦି ଅନେକ ଗାଁରୁ ଶହେରୁ ଊର୍ଦ୍ଧ୍ୱ ମହିଳା ବାହାରି ମଦ ଭାଟି ଭାଙ୍ଗିଛନ୍ତି। ରାନ୍ଧିବାକୁ ପ୍ରସ୍ତୁତ ଥିବା ୧୩ ପ୍ଲାଷ୍ଟିକ ପୋଚ ଡ୍ରମରୁ ପ୍ରାୟ ୬୫୦ ଲିଟର ପୋଚ ନଷ୍ଟ କରାଯାଇଛି। ଏ ନେଇ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ଓ ଅବକାରୀ ବିଭାଗ ପହଞ୍ଚି ଗାଁରେ ମଦ ନ ରାନ୍ଧିବା ଓ ବାହାରୁ ଆଣି ବିକ୍ରି ନ କରିବାକୁ କୁହାଯାଇଛି। ଅବକାରୀ ବିଭାଗ ଓ ପୋଲିସ ଧରପଗଡ଼ କରୁ ନ ଥିବାରୁ ଅଞ୍ଚଳରେ ଚୋରା ଦେଶୀ ମଦ ଚାଲାଣ ବଢୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ଗାଁ ଲୋକଙ୍କ ଅଭିଯୋଗ ପରେ ଗାଁରେ ଚଢ଼ାଉ କରାଯାଇଛି। ମଦରାନ୍ଧିବା ଓ ବିକ୍ରି ନ କରିବାକୁ କୁହାଯାଇଛି। ଅଞ୍ଚଳ ଉପରେ କଡ଼ା ନଜର ରଖାଯାଇଛି। ଅଞ୍ଚଳରେ ମଦ ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ନବୋଦୟ ବିଦ୍ୟାଳୟର ଆରାଧ୍ୟା ଅଭିଜିତା ଜିଲା ଟପ୍ପର

ତେନ୍ତୁଲିଖୁଣ୍ଟି ୧୬।୪
(ଚିଦାନନ୍ଦ ସାହୁ)



ଆରାଧ୍ୟା ଅଭିଜିତା ପାଇକରାୟ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଆୟୋଜିତ ( ସିବିଏସଇ )ଦଶମ ଶ୍ରେଣୀ ପରୀକ୍ଷା ଫଳାଫଳ ବୁଧବାର ପ୍ରକାଶ ପାଇଛି। ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଅନ୍ତର୍ଗତ ଖାତିଗୁଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଛାତ୍ରୀ ଆରାଧ୍ୟା ଅଭିଜିତା ପାଇକରାୟ ୯୫.୪ ପ୍ରତିଶତ ନମ୍ବର ରଖି ନବରଙ୍ଗପୁର ଜିଲା ଟପ୍ପର ହୋଇ ଜିଲା ତଥା ଅଞ୍ଚଳର ଗର୍ବ ଆଣିଛନ୍ତି। ସେହିପରି ଛାତ୍ର ସ୍ୱାଗତ ପଣ୍ଡା ୯୪.୨, ଛାତ୍ରୀ ନିରୁଆ ବିଶ୍ୱାସ ୯୩.୮, ଛାତ୍ର ଲୋକେଶ୍ୱର ବାଗ ୯୪.୬ ଓ ଛାତ୍ରୀ ବିଦୁସ୍ମିତା ଦଳାଇ ୯୨.୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ପାଇଁ ସଫଳତା ଆଣିଛନ୍ତି ।

## ଆଇଏମ୍ଏସ୍‌ଟିର ଛାତ୍ରୀ ମାଲକାନଗିରି ଜିଲା ଟପ୍ପର

ମାଲକାନଗିରି,୧୬।୪
(ଦୁର୍ଯ୍ୟୋଧନ ପାତ୍ର)



ମାମ୍ପି ରାୟ

ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷା ଫଳାଫଳ ବୁଧବାର ପ୍ରକାଶ ହୋଇଛି। ଏଥିରେ ମାଲକାନଗିରି ଆଇଏମ୍ଏସ୍‌ଟି ବିଦ୍ୟାଳୟର ଛାତ୍ରୀ ମାମ୍ପି ରାୟ ଜିଲା ଟପ୍ପର ହୋଇଛନ୍ତି। ସେ ୯୮.୬ ପ୍ରତିଶତ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ବିଦ୍ୟାଳୟର ଅଶ୍ୱିନୀ କୁମାର ମଣ୍ଡଳ ୯୪.୬ ପ୍ରତିଶତ, ତ୍ୱାନସ୍କ ରାଜ ସାହା ୯୧.୨ ପ୍ରତିଶତ ଓ ସୁମିତ ରନ ସିକଦାର ୯୦.୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ଆଇଏମ୍ଏସ୍‌ଟି ବିଦ୍ୟାଳୟର ମୋଟ ୯୯.୨ ପ୍ରତିଶତ ପାସ୍ ହାର ହୋଇଥିବା ଜଣାପଡିଛି। ସେହିପରି ମାଲକାନଗିରି ମଡେର୍ଣ୍ଣ ଇଂଲିଶ ବିଦ୍ୟାଳୟର ନିଳିତା ଦଳାଇ ୮୯.୬ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ବିଦ୍ୟାଳୟରେ ପାସ ହାର ୯୫ ପ୍ରତିଶତ ଥିବା ସୂଚନା ମିଳିଛି।




## କାର୍ଯ୍ୟକ୍ଷମ ହେଲା ୮ ଥଣ୍ଡା ପାନୀୟ ଜଳ ମେଶିନ




ଏନ୍ଏସି ନଗରପାଳ ଜଳଛତ୍ର ଉଦ୍‌ଘାଟନ କରୁଛନ୍ତି।

କୋରୁକୋଣ୍ଡା,୧୬।୪(ଶିବଦତ୍ତ ସାହୁ)

**ଧରିତ୍ରୀ ପ୍ରଭାବ**

ମାଲକାନଗିରି ଜିଲା ବାଲିମେଳା ଏନ୍ଏସି ପକ୍ଷରୁ ଅଚଳ ପ୍ରକଳ୍ପଗୁଡ଼ିକର ମରାମତି କରାଯାଇ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ନେଇ ଗୁରୁବାର ବ୍ୟବସ୍ଥା କରାଯାଇଛି। ଲୋକଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବା ପାଇଁ କିଛି ବର୍ଷ ପୂର୍ବେ ଲକ୍ଷାଧିକ ଟଙ୍କା ବ୍ୟୟରେ ସହରର କାଳୀଛକ, ନୂତନ ବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ ଓ ଡ୍ରଗ ଲାଇନରେ ୪ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ପ୍ରକଳ୍ପଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିଲା। ଏ ନେଇ ୧୩ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ବାଲିମେଳା ଏନ୍ଏସି କର୍ତ୍ତୃପକ୍ଷ ତଥା ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ଦୋରା ବିଭାଗ ପକ୍ଷରୁ ତୁରନ୍ତ ଅଚଳ ପ୍ରକଳ୍ପଗୁଡିକର ମରାମତି କରାଯିବା ସହ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ମୁତାବକ ବିଭାଗ ପକ୍ଷରୁ ଅଚଳ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ମରାମତି କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବାଲିମେଳା ଏନ୍ଏସି ପକ୍ଷରୁ ବାଲିମେଳା ସହରର ମୋଟ ୮ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ଲୋକଙ୍କୁ ବିଶୁଦ୍ଧ ଜଳଯୋଗାଇ ଦେବାକୁ ଜଳଛତ୍ର ଖୋଲାଯାଇଛି। ଏହି ଅବସରରେ ବାଲିମେଳା ଏନଏସିର ନଗରପାଳ ପ୍ରଦୀପ କୁମାର ନାୟକ ନିର୍ବାହୀ ଅଧିକାରୀ ଦୋରା ଜଳଛତ୍ର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ବାଲିମେଳା ଏନ୍ଏସିର ଆରଆଇ ସାଧୁଚରଣ ମହାନ୍ତି, କାଉନସିଲର ମନୋଜ ଦେବ ପାଙ୍ଗୀ, କୃଷ୍ଣ ବାଘ, କର୍ମଚାରୀ ପ୍ରଦୀପ କୁମାର ମାହାଳି, ବରିଷ୍ଠ ନାଗରିକ ବେଣ୍ଟୁ ଘଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଲ୍ୟାମ୍ପ୍‌ସ ବାର୍ଷିକ ସଭାକୁ ଚାଷୀଙ୍କୁ ଡକାଯାଇ ନ ଥିବାରୁ ଅସନ୍ତୋଷ

କଲ୍ୟାଣସିଂହପୁର, ୧୬।୪
(ଦୀପକ କୁମାର ପରିଡା)

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ସଦରରେ ଥିବା ଲ୍ୟାମ୍ପ୍‌ସ ତରଫରୁ ଗତ ମାସ ୧୮ ତାରିଖରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କିନ୍ତୁ ଏହି ସଭାକୁ ସ୍ଥାନୀୟ ଅଞ୍ଚଳର ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଡାକାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଉଠିଛି। ସେହିପରି ସମିତିର ଆୟ-ବ୍ୟୟ ହିସାବ ସର୍ବସାଧାରଣଙ୍କ ସମ୍ମୁଖରେ ପ୍ରକାଶ କରାଯାଇ ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ଗତ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ।

ସ୍ଥାନୀୟ ଚାଷୀଙ୍କ କହିବା ଅନୁଯାୟୀ, ଲ୍ୟାମ୍ପ୍‌ସ ମାଧ୍ୟମରେ ବିଭିନ୍ନ ସେବା ଓ ସୁବିଧା ପାଇବାରେ ସେମାନେ ହଇରାଣ ହେଉଛନ୍ତି। ଧାନ କ୍ରୟ, ସାର ବଣ୍ଟନ, ଋଣ ସୁବିଧା ସହ ଅନ୍ୟାନ୍ୟ କାର୍ଯ୍ୟରେ ଠିକ ସମୟରେ ସହଯୋଗ ମିଳୁ ନାହିଁ। ଲ୍ୟାମ୍ପସ ହେଉଛି ଚାଷୀଙ୍କ ସଂସ୍ଥା। ତେଣୁ ଏହାର ସଭା, ଆୟ-ବ୍ୟୟ ଓ ନିଷ୍ପତ୍ତି ସମ୍ପର୍କରେ ସମସ୍ତ ଚାଷୀଙ୍କୁ ଅବଗତ କରାଯିବା ଦରକାର ବୋଲି ଚାଷୀମାନେ କହିଛନ୍ତି। ଯଦି ଏଭଳି ଅନିୟମିତତା ଜାରି ରହେ, ତେବେ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। କୃଷକ ସଂଘ ସଭାପତି ଶ୍ରୀନିବାସ ଚୌଧୁରୀ, ସମ୍ପାଦକ ପ୍ରଶାନ୍ତ ନନ୍ଦ କୌଶଲ୍ୟା, ସି.ଏଚ୍. ନାଗେଶ୍ୱର ରାଓ, କୁମାର ସ୍ୱାମୀ କୌଶଲ୍ୟା, ନରସିଂହ ନାଥ ସାହୁ , ସାଧୁରାମ ପଲକିଆ, ଜି. ନାଗେଶ୍ୱର ରାଓ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଲ୍ୟାମ୍ପ୍‌ସ ଏମ୍‌ଡି ତାରିଣୀ ପ୍ରସାଦ ତ୍ରିପାଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ନ ଉଠାଇବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



ଜିଲାପାଳଙ୍କୁ ଅଭିଯୋଗକରିବାକୁ ଆସିଥିବା ଚାଷୀ।

## ରେଳ ଲାଇନ୍‌ରୁ ହାଇୱା ଡ୍ରାଇଭରଙ୍କ ମୃତଦେହ ଜବତ

କଲ୍ୟାଣସିଂହପୁର,୧୬।୪
(ଦୀପକ କୁମାର ପରିଡା)

ରାୟଗଡା ଜିଲା ସିକରପାଇ ରେଳ ଷ୍ଟେଶନ ନିକଟ ରେଳଲାଇନ୍‌ରୁ ଜଣେ ଯୁବକଙ୍କୁ ମୃତଦେହ ପୋଲିସ ଗୁରୁବାର ଜବତ କରିଛି। ମୃତକ ହେଲେ ଝାଡ଼ଖଣ୍ଡ ଖଲିଆବାଘ ଅଞ୍ଚଳର କୁଲଦୀପ ପାଣ୍ଡେ (୩୩)। ସିକରପାଇ ଅଞ୍ଚଳରେ ନୂତନ ରେଳଲାଇନ କାମ କରୁଥିବା କେଏସ୍ଆର ଠିକା କମ୍ପାନୀର ହାଇୱା ଡ୍ରାଇଭର ଭାବେ କାର୍ଯ୍ୟରତ ଥିଲେ। ସୂଚନା ଅନୁସାରେ, ଟ୍ରେନ ପାଇଲଟ ଟ୍ରାକ ଉପରେ ମୃତଦେହ ପଡ଼ିଥିବା ଦେଖି ସିକରପାଇ ରେଳ ଷ୍ଟେଶନକୁ ଖବର ଦେଇଥିଲେ। ପରେ ରାୟଗଡା ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏହା ଦୁର୍ଘଟଣା ନା ଆତ୍ମହତ୍ୟା ସେ ନେଇ ସ୍ପଷ୍ଟ ତଥ୍ୟ ମିଳିନାହିଁ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।



କୁଲଦୀପ ପାଣ୍ଡେ।

## ଅଭିନନ୍ଦନ ପିଏମ୍‌ଶ୍ରୀ, ସାଇ ଓଏଭି ସ୍କୁଲ ଟପ୍ପର

କୋରାପୁଟ,୧୬।୪(ଅମିତାଭ ବେହେରା)



ସାଇରାଜ ବେହେରା



ଅଭିନନ୍ଦନ ସ୍ୱାଇଁ

କେନ୍ଦ୍ର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶିତ ହୋଇଛି। କୋରାପୁଟ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅଭିନନ୍ଦନ ସ୍ୱାଇଁ ୯୮.୩ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ବିଦ୍ୟାଳୟର ୬୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ସମସ୍ତେ ପାସ୍ ହୋଇଛନ୍ତି। କୋରାପୁଟ ଆଦର୍ଶ ବିଦ୍ୟାଳୟର ସାଇରାଜ ବେହେରା ୯୭.୬ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସାଇରାଜ କୋରାପୁଟ ସହରର ଗୌତମ ନଗରର ଦେବରାଜ ବେହେରାଙ୍କ ପୁଅ।

## ଓଏଭିର ଶୁଚିସ୍ମିତା ବିଦ୍ୟାଳୟ ଟପ୍ପର

ତେନ୍ତୁଲିଖୁଣ୍ଟି,୧୬।୪ (ଚିଦାନନ୍ଦ ସାହୁ)



ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଲକଡିପଲ୍ଲୀ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ୪୧ ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଶହେ ପ୍ରତିଶତ ସଫଳତା ସହ ବିଦ୍ୟାଳୟର ଛାତ୍ରୀ ଶୁଚିସ୍ମିତା ପଟ୍ଟନାୟକ ୯୩% ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଶତ ପ୍ରତିଶତ ସଫଳତାର ଶ୍ରେୟ ଅଧ୍ୟକ୍ଷ ଅବିନାଶ ସାହୁ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି । ଆଭ୍ୟନ୍ତର ଅଞ୍ଚଳରେ ଥିବା ଅନୁଷ୍ଠାନ ଶତ ପ୍ରତିଶତ ସଫଳତା ପାଇବା ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବ ବୋଲି ସେ କହିଛନ୍ତି।

## 'ସାମାଜିକ ପରିବର୍ତ୍ତନ ମାଧ୍ୟମରେ ନାରୀଙ୍କ ଭୂମିକା ନିଶ୍ଚିତ କରିବା ଆବଶ୍ୟକ'

କୋରାପୁଟ,୧୬।୪
(ଅମିତାଭ ବେହେରା)

**ନାରୀଶକ୍ତି ବନ୍ଦନ ଅଧିନିୟମ ଆଲୋଚନାଚକ୍ର**

କୋରାପୁଟସ୍ଥିତ କେନ୍ଦ୍ରୀୟ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସିୟୁଓ) ପକ୍ଷରୁ ନାରୀଶକ୍ତି ବନ୍ଦନ ଅଧିନିୟମ-୨୦୨୩ର ତତ୍କାଳ କାର୍ଯ୍ୟକରଣ ଚ୍ୟାଲେଞ୍ଜ ଓ ଆବଶ୍ୟକତା ନେଇ ଏକ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୟୁଜିସିର ନିର୍ଦ୍ଦେଶାନୁସାରେ କାର୍ଯ୍ୟକ୍ରମରେ ଅର୍ଥନୀତି ବିଭାଗର ସହଯୋଗୀ ପ୍ରାଧ୍ୟାପିକା ଡା. ମିନତି ସାହୁ ଅଧିନିୟମର ଶୀଘ୍ର କାର୍ଯ୍ୟକରଣକୁ ଜୋର୍ ଦେଇଥିଲେ। ପ୍ରଫେସର ରଥୀକାନ୍ତ କୁମ୍ଭାର, ଡା.ମଞ୍ଜୁଶ୍ରୀ ସିଂହ ଓ ଡା. ଦୀପ୍ତିଶଙ୍କର ବିଭିନ୍ନ ପ୍ରସଙ୍ଗରେ କହିଥିଲେ। ଆଲୋଚନାରେ ନାରୀଙ୍କ ପାଇଁ ଆରକ୍ଷଣ ୩୩ ପ୍ରତିଶତ ସୀମାରୁ ଅଧିକ ହେବା ଉଚିତ ବୋଲି କୁହାଯାଇଛି। ଲୋକସଭା ଓ ରାଜ୍ୟ ବିଧାନସଭାରେ ନାରୀଙ୍କ ପ୍ରତିନିଧିତ୍ୱରେ ଥିବା ଅସମତା ଓ ଏହାର ସମାଧାନ ନେଇ ଆଲୋଚନା କରାଯାଇଛି। କେବଳ ସଂଖ୍ୟାଗତ ଆରକ୍ଷଣ ନୁହେଁ, ବରଂ ସାମାଜିକ ଓ ସଙ୍ଗଠନାତ୍ମକ ପରିବର୍ତ୍ତନ ମାଧ୍ୟମରେ ନାରୀଙ୍କ ସକ୍ରିୟ ଭୂମିକା ନିଶ୍ଚିତ କରିବା ଆବଶ୍ୟକ ବୋଲି ଅତିଥି କହିଛନ୍ତି। ଡିନ ଅଫ ଷ୍ଟୁଡେଣ୍ଟସ ଅଫେୟର୍ସ ଡା. ରାମେନ୍ଦ୍ର କୁମାର ପରିଡ଼ା ବିଲ୍‌ର କାର୍ଯ୍ୟକରଣ ପାଇଁ ନୀତିଗତ ପରାମର୍ଶ ଦେଇଥିଲେ। ଉପକୁଳପତି ପ୍ରଫେସର ଏନ.ସି. ପଣ୍ଡା ନାରୀ ସଶକ୍ତିକରଣର ଗୁରୁତ୍ୱ ଓ ଅଧିନିୟମର ପ୍ରସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଡା. ରୁଲିଆ ନୁଖୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ, ଛାତ୍ରୀଛାତ୍ର ଓ ଗବେଷକମାନେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଜଣେ ଅଧ୍ୟାପିକାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।



# ସିଜିମାଳି ଆନ୍ଦୋଳନକୁ ସମର୍ଥନକଲା ଉତ୍କଳ ଯାଦବ ମହାସଂଘ

ରାୟଗଡ଼ା, ୧୬।୪ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସିଜିମାଳି ଖଣି ଖନନକୁ ବିରୋଧକରି ଅଞ୍ଚଳବାସୀ କରୁଥିବା ଆନ୍ଦୋଳନକୁ ଗୁରୁବାର ଉତ୍କଳ ଯାଦବ ମହାସଂଘ ସମର୍ଥନ ଜଣାଇଛି । ମହାସଂଘର ରାଜ୍ୟ ସଭାପତି ଆଶୀର୍ବାଦ ବେହେରା ଓ ରାଷ୍ଟ୍ରୀୟ ଯୁବ ଅଧ୍ୟକ୍ଷ ପ୍ରଦୀପ ଯାଦବଙ୍କ ନିର୍ଦ୍ଦେଶକ୍ରମେ ମହାସଂଘର କର୍ମକର୍ତ୍ତା ଗୁରୁବାର ପ୍ରସ୍ତାବିତ ଖଣି ପ୍ରଭାବିତ ଅଞ୍ଚଳକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ ।

ବେଦାନ୍ତ ପକ୍ଷରୁ ସିଜିମାଳି ଖଣି ଖନନ ପାଇଁ ରାସ୍ତା ନିର୍ମାଣକୁ ଅଞ୍ଚଳବାସୀଙ୍କ ବିରୋଧକୁ ନେଇ ଜିଲା ପୋଲିସ ଗତ ୭ ତାରିଖ ଭୋର ସମୟରେ କଣ୍ଟାମାଳ ଗ୍ରାମରେ ପଶି ଲୋକଙ୍କ ଉପରେ ଦମନଲୀଳାକୁ ନିନ୍ଦା କରିବା ସହ ପୋଲିସ ରାତି ଅଧରେ ଗିରଫ ପାଇଁ କାହିଁକି ମନ ବଳାଇଲା ସେ ନେଇ ଯାଦବ ମହାସଂଘ ପ୍ରଶ୍ନ କରିଛି । ଏଥିସହ ଅଞ୍ଚଳବାସୀଙ୍କ ସହିତ ଆଲୋଚନାକରି ଏହାର ସମାଧାନ କରିବାକୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବ ବୋଲି ସଂଘ ସ୍ଥାନୀୟ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛି। ଉତ୍କଳ ଯାଦବ ମହାସଂଘ ସର୍ବଦା ଉକ୍ତ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ସମର୍ଥନ କରିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଅମିତ ନାୟକ କହିଛନ୍ତି । ଏହାସହ ସମାଜର ଏକ ପ୍ରତିନିଧି ଦଳ ଦିଲ୍ଲୀ ଗସ୍ତକରି କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପିନ୍ଦର ଯାଦବଙ୍କୁ ଏକ ଦାବିପତ୍ର ଦେବାକୁ ନିଷ୍ପତ୍ତି ନିଆଯାଇଥିବା ଅମିତ କହିଛନ୍ତି । କଣ୍ଟାମାଳ ଗସ୍ତ ସମୟରେ କାଶୀପୁର ଉତ୍କଳ ଯାଦବ ମହାସଂଘର ସଭାପତି ଅମର ଗୋପାଳ, ସମ୍ପାଦକ ସୁରେନ୍ଦ୍ର ଗୌଡ, ଚନ୍ଦ୍ର ଗୋପାଳ, ଜଗୁ ଗୋପାଳ, ସୂରଜ ଗୋପା. ମାନୁ ଗୌଡ଼, ସୁଶାନ୍ତ ଗୌଡ଼ ଓ ଜଗନ୍ନାଥ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।


କଣ୍ଟାମାଳ ଗ୍ରାମରେ ଉତ୍କଳ ଯାଦବ ମହାସଂଘ ପ୍ରତିନିଧି ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

## ନ୍ୟାୟ ପାଇଁ ଦାବିପତ୍ର ଦେଲା ଜିଲା ଡମ୍ ସମାଜ

ସେହିଭଳି ଜିଲା ଡମ୍ ସମାଜ ପକ୍ଷରୁ ରାୟଗଡ଼ାଠାରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାଏକଙ୍କୁ ଭେଟି ସିଜିମାଳି ଖଣି ପ୍ରଭାବିତ ଅଞ୍ଚଳରେ ଉଭୟ ଆଦିବାସୀ ଓ ଡମ୍ ସମ୍ପ୍ରଦାୟର ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାରରେ ଅଙ୍କୁଶ ଲଗାଇବାକୁ ଦାବି ହୋଇଛି। ଏଥିସହ ପୂର୍ବରୁ ହୋଇଥିବା ଗ୍ରାମସଭାକୁ ବାତିଲକରି ପୁନଃ ନିରପେକ୍ଷ ଗ୍ରାମସଭା ଆୟୋଜନ କରିବା ପାଇଁ ଜିଲା ଡମ୍ ସମାଜର ସଭାପତି ଧନୀରାମ ନାଏକ ଓ ଅନ୍ୟମାନେ ଦାବି କରିଛନ୍ତି ।

# ଆମେ ଜାଣିବା ଆମ ବଜେଟ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ରାୟଗଡ଼ା, ୧୬।୪ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ୍ ସଦ୍‌ଭାବନା ଗୃହରେ ବ୍ଲକ୍‌ସ୍ତରୀୟ ଆମେ ଜାଣିବା ଆମ ବଜେଟ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷା ଟୁନି ହୁଇକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପାଧ୍ୟକ୍ଷ ହର ପ୍ରାସାଦ ହେପୃକା, ବିଡିଓ ସୁଜିତ କୁମାର ମିଶ୍ର, ଏବିଡିଓ କାଳୁଚରଣ ନାୟକ, ଜିପିଡିଓ ସ୍ମୃତିରେଖା ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶ ଅନୁସାରେ ଓଡ଼ିଆ ପକ୍ଷରେ ଗ୍ରାମସଭା ଓ ପଲ୍ଲୀସଭା ମାଧ୍ୟମରେ ଗ୍ରାମପଞ୍ଚାୟତ ସ୍ତରରେ ଲୋକଙ୍କୁ ସଚେତନତା କରାଯାଇଛି। ସେହିପରି ବ୍ଲକ୍‌ସ୍ତରରେ ମଧ୍ୟ ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମୀଣ ସ୍ତରରୁ ବିକାଶ ନିମନ୍ତେ ସରକାରଙ୍କ ଦ୍ୱାରା ଯୋଜନା ୱାରି ଅର୍ଥ ବ୍ୟୟବରାଦର ତାଲିକା ଗୃହରେ ଉପସ୍ଥାପନ କରାଯାଇଥିଲା। ଜିପିଡିଓ ସ୍ମୃତିରେଖା ନାୟକ ଗୃହରେ ଏହାର ବିଶଦ ଉପସ୍ଥାପନ କରିଥିଲେ। ବିକାଶ ପାଇଁ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏହି ବଜେଟରେ ବ୍ୟବସ୍ଥା ଥିବାରୁ ଜନସାଧାରଣ ଏହାର ସୁଫଳ ପାଇବେ ବୋଲି ଅନୁମାନ କରାଯାଉଛି ।

# ଗାନ୍ଧୀ ପବ୍ଲିକ ସ୍କୁଲର ସଫଳତା


ସ୍ୱସ୍ତିକ ସାହୁ


ପୀୟୂଷ ପରମଗୁରୁ ମହାପାତ୍ର


ଦିଗନ୍ତିକା ସାହୁ


ଏସ୍ ନିହାଲ କୁମାର

ଗୁଣପୁର, ୧୬।୪ ( ସୁଜାତା ପାଢ଼ୀ)

ସିବିଏସ୍‌ଇ ଦଶମ ପରୀକ୍ଷାରେ ରାୟଗଡା ଜିଲା ଗୁଣପୁରସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି । ଛାତ୍ର ସ୍ୱସ୍ତିକ କୁମାର ସାହୁ ୯୬.୮% ନମ୍ବର ରଖି ପ୍ରଥମ, ପୀୟୂଷ ପରମ ଗୁରୁ ମହାପାତ୍ର ଏବଂ ଦିଗନ୍ତିକା ସାହୁ ୯୩.୬% ନମ୍ବର ରଖି ଯୁଗ୍ମ ଦ୍ୱିତୀୟ ଏବଂ ଏସ୍ ନିହାଲ କୁମାର ୯୩.୨% ନମ୍ବରରେ ତୃତୀୟ ସ୍ଥାନରେ ରହି ଗାନ୍ଧୀ ପବ୍ଲିକ ସ୍କୁଲକୁ ଗୌରବାନ୍ୱିତ କରିଛନ୍ତି। ଚଳିତ ବର୍ଷ ୧୦୩ ଛାତ୍ରୀଛାତ୍ରଦଶମ ଶ୍ରେଣୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣ ୯୦% ନମ୍ବର ରଖିଛନ୍ତି। ୩୫ଜଣ ୭୫% ଏବଂ ୫୮ଜଣ ଛାତ୍ରୀଛାତ୍ର ୬୦% ନମ୍ବର ରଖି ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତାରେ ନିଜସ୍ୱ ପ୍ରଚେଷ୍ଟା ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଛନ୍ତି। ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଶୁଭାଶିଷ ଦେଇ କହିଥିଲେ ଯେ, ପରିଶ୍ରମହିଁ ସଫଳତାର ମାପକାଠି। ଲକ୍ଷ୍ୟ ନିର୍ଦ୍ଧାରଣ ଠିକ ଥିଲେ ସଫଳତା ନିଶ୍ଚିତ ମିଳିବ । ଜିଆଇଇଟି ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସତ୍ୟପ୍ରକାଶ ପଣ୍ଡା ଏବଂ ସମ୍ପାଦକ ଡ଼.ଚନ୍ଦ୍ରଧ୍ୱଜ ପଣ୍ଡା ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ ।

# ଡଙ୍ଗରିଆ କନ୍ଧଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର


ଶିବିରରେ ଡାକ୍ତର ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

କଲ୍ୟାଣସିଂହପୁର, ୧୬।୪
(ଦୀପକ କୁମାର ପରିଡା)

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଗୁରୁବାର ଆଦିମ ଜନଜାତିଙ୍କ ନିମନ୍ତେ ଅଣୁ ପ୍ରକଳ୍ପସ୍ତରୀୟ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ଅଧିକାରୀ ସୁରଜ ନାୟକଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ମ୍ୟାଲେରିଆ, ସାଧାରଣ ଜ୍ୱର, ବାନ୍ତି, କାଶ ସହ ବିଭିନ୍ନ ରୋଗର ଚିହ୍ନଟ କରାଯାଇ ରକ୍ତ ପରୀକ୍ଷା, ରକ୍ତଚାପ ଯାଞ୍ଚ ଓ ଅନ୍ୟାନ୍ୟ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ପରୀକ୍ଷା ପରେ ରୋଗୀମାନଙ୍କୁ ଆବଶ୍ୟକ ଔଷଧ ଓ ସିରପ ବଣ୍ଟନ କରାଯାଇଥିଲା। ଏହା ସହ ଆସନ୍ତା ୧୮ ତାରିଖରେ ପୁନର୍ବାର ପରୀକ୍ଷା ପାଇଁ ଆସିବାକୁ ପରାମର୍ଶ ଦିଆଯାଇଛି। ଶିବିରରେ ମେଡିସିନ ସ୍ପେସିଆଲିଷ୍ଟ ଡାକ୍ତର ସଂଜ୍ଞା ଦାସ, ଡାକ୍ତର ରାକେଶ ରଞ୍ଜନ ପାଢ଼ୀ ଓ ମମତା ଶତପଥୀ ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିପିଏମ୍ କୈଳାଶ ନାୟକ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଡାକ୍ତର ପ୍ରକାଶ ରାଉତ, ଫାର୍ମାସିଷ୍ଟ ସୀମାଚଳ ପଣ୍ଡା, ଡିକେଡିଏ ପୋଷଣ ସଂଯୋଜକ ସୌମ୍ୟ ରଞ୍ଜନ ମହାନ୍ତି, କ୍ଷେତ୍ର ସହାୟକ କରୁଣାକର କଣ୍ଡପାଣିଙ୍କ ସହ ମେଡିକାଲ ଷ୍ଟାଫ, ଆଇସିଡିଏସ୍ ଷ୍ଟାଫ, ଅଙ୍ଗନୱାଡି କର୍ମୀ, ଆଶା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବ୍ୟକ୍ତିଗତ ତଥ୍ୟ କାହାକୁ ନ ଦେବାକୁ ପରାମର୍ଶ

ଗୁଡାରି, ୧୬।୪ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ଥାନା ପରିସରରେ ଗୁରୁବାର ନୂତନ ଆପରାଧିକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସବ୍ ଇନ୍ସପେକ୍ଟର ରୁଦ୍ର ମୁଦୁଲି, ସଞ୍ଜୟ ଛତ୍ର ଏବଂ ସୁଲୋଚନା ବେହେରା ମଞ୍ଚାସୀନ ରହି ନୂତନ ଆଇନ ତଥା ଭାରତୀୟ ନ୍ୟାୟ ସଂହିତା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏହାଛଡ଼ା ସହରରେ ଟ୍ରାଫିକ ସମସ୍ୟା ଓ ନିୟନ୍ତ୍ରଣ, ଗୁଣି ଗାରେଡ଼ି ନେଇ ସାଧାରଣ ଲୋକଙ୍କୁ ସଚେତନ କରାଇବା ପାଇଁ କହିଥିଲେ। ବାଲ୍ୟବିବାହ ରୋକିବା ଏବଂ ଗ୍ରାମାଞ୍ଚଳରେ ଏହାର ପ୍ରସାର କରିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସେହିପରି ସାଇବର ଠକେଇରୁ କିପରି ନିଜକୁ ରକ୍ଷା କରିବେ ଏବଂ ନିଜର କଷ୍ଟାର୍ଜିତ ଧନ କିପରି ସୁରକ୍ଷା ରହିବ ସେ ନେଇ ସଚେତନ କରିଥିଲେ। ଏବେ ସାଇବର ଠକମାନେ ଓଟିପି ବଦଳରେ ଭେରିଫିକେଶନ କୋଡ୍ ଭଳି ନୂତନ ଶବ୍ଦ ବ୍ୟବହାରକରି ଲୋକଙ୍କୁ ଠକିବା ଆରମ୍ଭ କରିଛନ୍ତି । ତେଣୁ ସାଇବେର ଠକଙ୍କ ଠାରୁ କିପରି ଦୂରେଇ ରହିବ ସେ ନେଇ କହିଥିଲେ। ନିଜର ବ୍ୟକ୍ତିଗତ ତଥ୍ୟ କାହାକୁ ନ ଦେବା ଏବଂ ଡିଜିଟାଲ ଆରେଷ୍ଟ ସମ୍ପର୍କରେ ଉପସ୍ଥାପନା କରିଥିଲେ। ମୁଖ୍ୟତଃ ଅଜଣା ନମ୍ବରରୁ ଆସୁଥିବା ଭିଡିଓ କଲ୍ ଗ୍ରହଣ ନ କରିବାକୁ ପରାମର୍ଶ ଦେଇଥିଲେ। ପୋଲିସ ସହ ସାଧାରଣ ଜନତା ବନ୍ଧୁତ୍ୱ ଭାବ ରଖିବା ପାଇଁ କହିବା ସହ ପୋଲିସକୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ, ବୁଦ୍ଧିଜୀବୀ, ସରପଞ୍ଚ, ଖବରଦାତା ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ।

## ନୂତନ ଆପରାଧିକ ଆଇନ ସଚେତନତା ଶିବିର



ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗ ଲୋକଙ୍କୁ ସଚେତନ କରୁଛନ୍ତି।

# ଖବରଦାତାଙ୍କ ବିୟୋଗରେ ଶୋକସଭା

ରାୟଗଡା, ୧୬।୪ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ପ୍ରେସ୍ କ୍ଲବର ଉପଦେଷ୍ଟା ତଥା ଖବରଦାତା କୃଷ୍ଣକାନ୍ତ ଜେନାଙ୍କ ବିୟୋଗରେ ଗୁରୁବାର ଏକ ଶୋକସଭା ଅନୁଷ୍ଠିତ ହୋଇଛି। ପ୍ରେସ୍ କ୍ଲବ୍ ପରିସରରେ ସଭାପତି ସଂଗ୍ରାମ କେଶର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କ୍ଲବ୍‌ର ସଦସ୍ୟମାନେ ପ୍ରଥମେ ଦିବଂଗତ ଖବରଦାତାଙ୍କ ଆତ୍ମାର ସଦଗତି କାମନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ଜେନା ରାୟଗଡା ପ୍ରେସ କ୍ଲବ୍‌ର ବିଭିନ୍ନ ପଦବୀରେ ରହି ନିଜ ଦାୟିତ୍ୱକୁ ସୁଚାରୁ ରୂପେ ତୁଲେଇ ଆସୁଥିଲେ। ସ୍ୱର୍ଗତ ଜେନା ହିନ୍ଦୀ ପତ୍ରିକା ନବଭାରତରୁ ତାଙ୍କର ସାମ୍ବାଦିକତା ଆରମ୍ଭ କରିଥିଲେ। ସ୍ୱର୍ଗତ ଜେନା ଜଣେ ମିଷ୍ଟଭାଷି ଓ ପରିବେଶକୁ ଭଲ ପାଉଥିବା ବ୍ୟକ୍ତି ଥିଲେ। ଶୋକସଭାରେ କ୍ଲବ୍‌ର ସାଧାରଣ ସମ୍ପାଦକ ୱାଇ. ଦାମୋଦର, କୋଷାଧ୍ୟକ୍ଷ ସୀମାଞ୍ଚଳ ପଣ୍ଡା, ସଂଗଠନ ସମ୍ପାଦକ ସୁଶାନ୍ତ ପ୍ରଧାନ, ସହ ସମ୍ପାଦକ ସୁଶାନ୍ତ ଦାସ, ବରିଷ୍ଠ ସଭ୍ୟ ଯୋଗେଶ୍ୱର ଦାସ, ଗୋପରଞ୍ଜନ ବକ୍ସିପାତ୍ର, ଗୋପାଳସିଂ ଅଧିକାରୀ, ସନ୍ତୋଷ ସାହୁ, କେ. ନିତିନ ଚୌଧୁରୀ, ବାଳକୃଷ୍ଣ ପଟ୍ଟନାୟକ ଓ ବି. ଶ୍ରୀନିବାସ ପ୍ରମୁଖ ଉପସ୍ଥିତ ଥିଲେ।


ସଭାରେ ଉପସ୍ଥିତ ଖବରଦାତାମାନେ ।

# ସାପ କାମୁଡ଼ାରେ ଛାତ୍ରୀଙ୍କ ମୃତ୍ୟୁ

ଗୁଣପୁର, ୧୬।୪ ( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ କୁଜେନ୍ଦ୍ରି ଗ୍ରାମରେ ଅବସ୍ଥାପିତ ସଂଗ୍ରାମୀ ବିଶ୍ୱନାଥ ପଟ୍ଟନାୟକ ବାଇରୁ ଗମାଙ୍ଗ ଶିଶୁ ସଦନ କନ୍ୟାଶ୍ରମର ଜଣେ ୩ୟ ଶ୍ରେଣୀର ଛାତ୍ରୀଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଛି। ମୃତ ଛାତ୍ରୀ ହେଲେ ଶୁଣ୍ଠୀ ଡାମୁଣି ଗ୍ରାମର ତ୍ରିପତି ମେଲକାଙ୍କ ଝିଅ ଡିମ୍ପଲ ମେଲକା। ଡିମ୍ପଲ ନିଜ ଘର ଶୁଣ୍ଠୀ ଡାମୁଣି ଗାଁକୁ ଯାଇଥିବା ସମୟରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ତାଙ୍କ ବାପା ତ୍ରିପତି ଝିଅକୁ ପ୍ରଥମେ ରାମନାଗୁଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଡିମ୍ପଲ ଜଣେ ମେଧାବୀ ଏବଂ ଶୃଙ୍ଖଳିତ ଛାତ୍ରୀ ଥିଲେ । ତାଙ୍କ ବିୟୋଗ କନ୍ୟାଶ୍ରମର ଅନ୍ତେବାସୀ ଦୁଃଖ ପ୍ରକାଶ କରିଛନ୍ତି। ସରକାରୀ ନିୟମ ପ୍ରକାରେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।

# ନିଆଁ ଲାଗି ଜଳିଗଲା ବହୁ ସମ୍ପତ୍ତି

ଜେକେ ପୁର, ୧୬।୪ (ରାଜେଶ ବିଶ୍ୱାଳ)

ରାୟଗଡ଼ା ଜିଲା କୋଲନରା ବ୍ଲକ୍‌ସ୍ଥିତ ଭୁଜବଳ ଗ୍ରାମର ହରିଜନ ସାହିରେ ଗୁରୁବାର ସକାଳ ପ୍ରାୟ ୯ଟାରେ ୨ଟି ଘରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଘର ଜଳିଯାଇଛି। ବାବୁଲା ପାଲକା ଓ ଯମୁନା ପାଲକାଙ୍କ ଘର ସହ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ନିଆଁ କିପରି ଲାଗିଲା ତାର କାରଣ ସ୍ପଷ୍ଟ ଜଣାପଡିନାହିଁ। ନିଆଁର ତୀବ୍ରତା ବେଶି ଥିବାରୁ ପରିବାର ଲୋକ ଓ ପଡୋଶୀ ମିଶି ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ପ୍ରୟାସ ପରେ ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ଘରେ ଥିବା ଫ୍ରିଜ, ମୋବାଇଲ, ପିଲାଙ୍କର ସ୍କୁଲ ତଥା ଅନ୍ୟାନ୍ୟ ସାର୍ଟିଫିକେଟ ସହ ଅନେକ ଆବଶ୍ୟକ ଘରୋଇ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ଯୋଗୁ ପ୍ରାୟ ୩ ଲକ୍ଷ ଟଙ୍କାର କ୍ଷତି ଘଟିଥିବା ପରିବାର ଲୋକେ କହିଛନ୍ତି। କୋଲନାରା ବ୍ଲକର ଭିଏଲ୍‌ଡବ୍ଲ୍ୟୁ ଘଟଣାସ୍ଥଳକୁ ଯାଇ ପୀଡିତ ପରିବାର ସହ ମିଶି ସାନ୍ତ୍ୱନା ଜଣାଇଥିଲେ । ଉଭୟ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଓହଳି ରହିଛି ତାର, ବଢ଼ୁଛି ଅଗ୍ନିକାଣ୍ଡ ଘଟଣା

ଗୁଣପୁର, ୧୬।୪ (ସଂକେତ ପାତ୍ର)

ଗୁଣପୁର ସହରରେ ଦ୍ରୁତଗତିରେ ଇଣ୍ଟରନେଟ୍ ସେବା ବିସ୍ତାର ହେଉଥିବାରୁ ଡିଜିଟାଲ ସୁବିଧା ବଢ଼ିଛି। ହେଲେ ଅନିୟନ୍ତ୍ରିତ ଭାବରେ ତାର ବିଛାଇବା ଯୋଗୁ ଏହାର ଅନେକ ସମୟରେ ଅଗ୍ନିକାଣ୍ଡର କାରଣ ପାଲଟୁଛି। ନିୟମ ଅନୁଯାୟୀ, ବିଭିନ୍ନ କମ୍ପାନୀ ରାସ୍ତା ଓ ଗଳିରେ ଇଣ୍ଟରନେଟ୍ ସେବା ପାଇଁ ତାର ବିଛାଇବାକୁ ହେଲେ ପୌର ପରିଷଦର ଅନୁମତି ନେବା ଆବଶ୍ୟକ। କିନ୍ତୁ ଗୁଣପୁର ସହରରେ ବିନା ଅନୁମତିରେ ବିଦ୍ୟୁତ୍ ଖୁଣ୍ଟ, ଘରବାଡ଼ି ଓ ଗଳିକୁ ଆଚ୍ଛାଦିତ କରି ମାଳ ମାଳ ତାର ଲଗାଯାଇଥିବା ଦେଖିବାକୁ ମିଳିଛି। ଇଣ୍ଟରନେଟ୍ ତାର ସହ କେବୁଲ ଟିଭି ଓ ଘରୋଇ କେବୁଲ ମିଶି ଏକ ଅବ୍ୟବସ୍ଥିତ ତାର ଜାଲ ସୃଷ୍ଟି କରିଛି, ଯାହା ଜୀବନ ଓ ସମ୍ପତ୍ତି ପାଇଁ ବିପଦ ସୃଷ୍ଟି କରୁଛି। ଏହି ଅବ୍ୟବସ୍ଥିତ ତାର ଫଳରେ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟଣା ମଧ୍ୟ ବଢ଼ୁଛି। କିଛି ଦିନ ପୂର୍ବରୁ ପୁରୁଣା ମାର୍କେଟ ଅଞ୍ଚଳରେ ଏକ ଡ୍ରେସ୍ ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟହୋଇଥିଲା। ସେହିପରି ଗତ କିଛିଦିନ ତଳେ ରାତି ପ୍ରାୟ ୧୧ଟାରେ ଆଦର୍ଶନଗର ଅଞ୍ଚଳରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସଚେତନତା ଓ ଅଗ୍ନିଶମ ବିଭାଗଙ୍କ ତୁରନ୍ତ ପଦକ୍ଷେପ ଯୋଗୁ ଏକ ବଡ଼ ବିପଦ ଟଳିଯାଇଥିଲା। ଏ ସମ୍ପର୍କରେ ଗୁଣପୁର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଏହି ବିଷୟକୁ ଗୁରୁତର ସହ ନିଆଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ଏଥିରେ ଜଡ଼ିତ ସମସ୍ତ କମ୍ପାନୀଙ୍କୁ ନୋଟିସ ଜାରି କରାଯିବ ଓ ଯେଉଁଠି ନିୟମ ଉଲ୍ଲଂଘନ ହୋଇଛି, ସେଠାରେ କଡ଼ା ପଦକ୍ଷେପ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।


ଘର ସାମ୍ନାରେ ତାର ଓହଳି ରହିଛି।

# ରାୟଗଡ଼ାରେ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିୟମ ନିର୍ମାଣ ଦାବି

## ଜିଲା କ୍ରିକେଟ ଆସୋସିଏଶନର ସାଧାରଣ ପରିଷଦ ବୈଠକ

ରାୟଗଡ଼ା, ୧୬।୪ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କ୍ରିକେଟ ଆସୋସିଏଶନର ସାଧାରଣ ପରିଷଦ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ କ୍ରିକେଟ ଖେଳିବା ଓ ପ୍ରଶିକ୍ଷଣ ପାଇଁ ଉନ୍ନତ ଭିତ୍ତିଭୂମିର ଅଭାବ ରହିଛି। ଦୁର୍ବଳ ଭିତ୍ତିଭୂମିର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ପ୍ରଶାସନ, ରାଜ୍ୟ ସରକାର ଓ ଜିଲାରେ ଥିବା ଶିଳ୍ପସଂସ୍ଥାଗୁଡିକର ଦୃଷ୍ଟି ଆକର୍ଷଣ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରତିଭାବାନ୍ କ୍ରିକେଟର ସୃଷ୍ଟିକରିବା ପାଇଁ ଗ୍ରାମାଞ୍ଚଳ ସ୍ତରରୁ କ୍ରୀଡ଼ାବିତ୍‌ଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ କରିବାକୁ ଗୁରୁତ୍ୱ ଦିଆଯାଇଛି। ରାଜ୍ୟସ୍ତରରେ ୧୬ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ଖେଳାଳିଙ୍କୁ ଠିକ୍ ସମୟରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ପାଇଁ ପ୍ରଶାସନିକ ସକ୍ରିୟତା ଉପରେ ଗୁରୁତ୍ୱ ଦିଆଯାଇଛି। ରାୟଗଡ଼ା ଜିଲା ସଦର ମହକୁମାଠାରେ ଜିଲା କ୍ରିକେଟ ଆସୋସିଏଶନ କାର୍ଯ୍ୟାଳୟ ପାଇଁ ସ୍ଥାୟୀ ଗୃହ ଯୋଗାଇଦେବା ସହ କ୍ରିକେଟ ଷ୍ଟାଡିୟମ ନିର୍ମାଣ ପାଇଁ ଆବଶ୍ୟକ ଜମି ଯୋଗାଇଦେବା ନେଇ ଆଲୋଚନା ହୋଇଥିଲା। ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିୟମ ନିର୍ମାଣ ପାଇଁ ଜିଲାରେ ଥିବା ବହୁରାଷ୍ଟ୍ରୀୟ ଶିଳ୍ପସଂସ୍ଥାଗୁଡିକର ସହଯୋଗ ମାଗିବାକୁ ନିଷ୍ପତ୍ତି ନିଆଯାଇଛି।

ଆସୋସିଏଶନର ବରିଷ୍ଠ ସଦସ୍ୟ ତ୍ରିନାଥ ଖାଡ଼ଙ୍ଗାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ତ୍ରିପାଠୀ, ପୂର୍ବତନ ସମ୍ପାଦକ ଡ. ନିରଞ୍ଜନ ବକ୍ସିପାତ୍ର, ହରିଶ ଠାକର, ପୃଥ୍ୱୀରାଜ ସାହୁ, କୀର୍ତ୍ତି ଚନ୍ଦ୍ର ସାହୁ, ଧବଳେଶ୍ୱର ନାଇ ରାମାନୁଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କ୍ରିକେଟ ଆସୋସିଏଶନର ସଭାପତି ତଥା ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ଅଧିକାରୀ, ଜିଲା ଲୋକ ସମ୍ପର୍କ ଅଧିକାରୀ, ସହକାରୀ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଏଡିଏମ୍‌ଙ୍କ ସହ ଜିଲା କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା।

## ସଂକ୍ଷେପରେ

### ବାର୍ ଭିତରେ ପଶି ଆକ୍ରମଣ, ଜଣେ ଗୁରୁତର

କୁନ୍ଦୁରା, ୧୬।୪(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ ଏକ ବାରରେ ପଶି କେତେକ ଯୁବକ ଆକ୍ରମଣ କରିବାରୁ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ବାର କର୍ମଚାରୀ ଭୋଳା ଯାଦବ। ସୂଚନାନୁଯାୟୀ, ବୁଧବାର ରାତିରେ କେତେକ ଯୁବକ ବାର ଆସି ମଦ ପିଇଥିଲେ। ଏହା ପରେ ଟଙ୍କା ଦେବାକୁ ମନା କରିବାରୁ ବାର କର୍ମଚାରୀ ଓ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ବାର ମ୍ୟାନେଜର ପପୁ କୁମାର ସିଂ କୁନ୍ଦୁରା ପୋଲିସକୁ ଜଣାଇ ଯୁବକମାନଙ୍କୁ ଘଉଡାଇଥିଲେ। ଯୁବକମାନେ ବିଳମ୍ବିତ ରାତିରେ ବାର କାନ୍ଥ ଡେଇଁ ଭିତରେ ପଶିଥିଲେ। ବ୍ଲାଙ୍କ ଫାୟାରିଂ କରିବା ସହ ମଦ ବୋତଲଗୁଡ଼ିକୁ ଭଙ୍ଗାରୁଜା କରିଥିଲେ। ସେଠାରେ କାମ କରୁଥିବା କର୍ମଚାରୀ ଭୋଳା ସେମାନଙ୍କୁ ବାରଣ କରିବାରୁ ମାରଣାସ୍ତ୍ରରେ ତାଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ। ଏ ନେଇ ମ୍ୟାନେଜର କୁନ୍ଦୁରା ଥାନାରେ ଅଭିଯୋଗ କରିଛନ୍ତି। ଭୋଳାଙ୍କୁ ମ୍ୟାନେଜର କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏ ନେଇ ନଂ.୩୯/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ଏଏସ୍ଆଇ ପୁରୁଷୋତ୍ତମ ରାୟ ସୂଚନା ଦେଇଛନ୍ତି। ଏଥିରେ ୫ରୁ ଊର୍ଦ୍ଧ୍ୱ ଜଣଙ୍କ ସମ୍ପୃକ୍ତି ଥିବା ସୂଚନା ମିଳିଛି।

### ଖଣି ଅଧିକାରୀଙ୍କୁ ଆକ୍ରମଣ ମାମଲା: ଅଭିଯୁକ୍ତ ଗିରଫ

ଜୟପୁର, ୧୬।୪(ପବନ ପାଣିଗ୍ରାହୀ)

ଜୟପୁର ସଦର ପୋଲିସ କନିଷ୍ଠ ଖଣି ଅଧିକାରୀଙ୍କୁ ଆକ୍ରମଣ ମାମଲାରେ ଅନ୍ୟ ଏକ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଅନ୍ତା ପଞ୍ଚାୟତ ଦାମାପୁଟ ଅଞ୍ଚଳର ଜିତୁ ପୋଡାଲ(୨୦)। ଜୟପୁର ବ୍ଲକ ବାଲିଆ ଗ୍ରାମରେ ଖଣି ବିଭାଗର କନିଷ୍ଠ ଖଣି ଅଧିକାରୀଙ୍କୁ ବାଲି ମାଫିଆମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏଥିରେ ଜିତୁଙ୍କ ସମ୍ପୃକ୍ତି ଥିବାରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ମଦ ଦୋକାନ ସେଲ୍ସମ୍ୟାନ୍‌ଙ୍କୁ ଆକ୍ରମଣ, ବାପା ଗିରଫ

ଫୁଲବାଣୀ, ୧୬।୪
(ରାକେଶ କୁମାର ରାଉତ)

ଫୁଲବାଣୀ ସହରରେ ଥିବା ଏକ ମଦ ଦୋକାନର ସେଲସ୍ ମ୍ୟାନଙ୍କୁ ଗୁରୁବାର ମରଣାନ୍ତକ ଆକ୍ରମଣ ହୋଇଛି । ବିଅର ବୋତଲରେ ତାଙ୍କୁ ମୁଣ୍ଡକୁ ପିଟା ଯାଇଥିବା ବେଳେ ଛାତିରେ ଭୁଷା ଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯିବା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସମ୍ପୃକ୍ତ ସେଲସ୍ ମ୍ୟାନ ଜଣକ ହେଲେ ବିହାର ଅଞ୍ଚଳର ବିକ୍ରମ କୁମାର ସିଂ। ଗିରଫ ବ୍ୟକ୍ତି ହେଲେ ଫୁଲବାଣୀ ସହର କାଚରା ସାହିର ରଞ୍ଜିତ ଘଟୁଆରୀ। ସୂଚନା ଅନୁସାରେ, ମଧ୍ୟାହ୍ନ ସମୟରେ ରଞ୍ଜିତ ଉକ୍ତ ମଦ ଦୋକନକୁ ଯାଇଥିଲେ। ସେଠାରେ କିଣିବା ପରେ ବାହାରକୁ ନ ଯାଇ ଦୋକାନ ଆଗରେ ବସି ନିଶା ସେବନ କରିଥିଲେ। ଏହାକୁ ନେଇ ବିକ୍ରି କରୁଥିବା ଯୁବକମାନେ ସେଠାରୁ ଚାଲି ଯିବା ପାଇଁ କହିଥିଲେ। ହେଲେ ସେ ଶୁଣି ନ ଥିଲେ। ଦୋକାନ ଭିତରୁ ବିକ୍ରମ ଆସି ରଞ୍ଜିତଙ୍କୁ ସେଠାରୁ ଚାଲି ଯିବା ପାଇଁ କହିବା ସହ ଉଠାଇ ଦେଇଥିଲେ। ରଞ୍ଜିତ ସେଠାରୁ ଯାଇ କିଛି ସମୟ ପରେ ତାଙ୍କ ୨ ପୁଅଙ୍କୁ ଧରି ଆସିଥିଲେ। ଉଭୟଙ୍କ ମଧ୍ୟରେ ବଚସା ହେବାରୁ ଜଣେ ପୁଅ ଏକ ବିଅର ବୋତଲରେ ବିକ୍ରମଙ୍କ ମୁଣ୍ଡକୁ ପିଟିବା ପରେ ଛାତିକୁ ଭୁଷି ଦେଇ ଫେରାର ହୋଇ ଯାଇଥିଲେ। ଆମ ପାଖରେ ଏହି ଘଟଣାକୁ ନେଇ ଅଭିଯୋଗ ହୋଇଛି । ଘଟଣାରେ ବାପା ଏବଂ ତାଙ୍କ ୨ପୁଅ ସାମିଲ ଅଛନ୍ତି । ବାପାଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରାଯାଇଛି । ୨ ପୁଅଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଥାନାରେ ୧୦୨/୨୬ରେ ମାମଲା ରୁଜୁ ହୋଇଛି ବୋଲି ଟାଉନ ଥାନାଧିକାରୀ ପ୍ରଜ୍ଞା ରୀତାମ୍ବରା କର କହିଛନ୍ତି ।

# ଶିଶୁଙ୍କ ସାମଗ୍ରିକ ବିକାଶ, ପୋଷଣ ନେଇ ସମୀକ୍ଷା

ପଟ୍ଟାଙ୍ଗି, ୧୬।୪(ଶରତ କୁମାର ଧଳ)

**ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ କୋଟିଆ ଗସ୍ତ**

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ବବିତା ପାତ୍ର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସୀମାନ୍ତ କୋଟିଆରେ ଶିଶୁମାନଙ୍କ ସାମଗ୍ରିକ ବିକାଶ ଓ ପୋଷଣ ସୁବିଧାର ଗୁରୁବାର ସମୀକ୍ଷା କରିଛନ୍ତି। କୋଟିଆ ପଞ୍ଚାୟତ ପରିଦର୍ଶନ କରି ବିଭିନ୍ନ ସରକାରୀ ଯୋଜନାର ଅନୁଧ୍ୟାନ କରିଛନ୍ତି। ଅଷ୍ଟମ ପୋଷଣ ଅଭିଯାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରାରେ ସେ ସାମିଲହୋଇଥିଲେ। ଗ୍ରାମବାସୀଙ୍କ ମଧ୍ୟରେ ପୁଷ୍ଟିସାର ଖାଦ୍ୟ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିଥିଲେ। ମହିଳାମାନଙ୍କ ସହ ଆଲୋଚନା କରି ଗର୍ଭବତୀ ଓ ପ୍ରସୂତିମାନଙ୍କ ସ୍ୱାସ୍ଥ୍ୟ ଏବଂ ଶିଶୁମାନଙ୍କ ଠିକ୍ ପାଳନକୁ ଗୁରୁତ୍ୱ ଦେଇଥିଲେ। କୋଟିଆସ୍ଥିତ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି



ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ବବିତା ପାତ୍ର ବିଭିନ୍ନ କାର୍ଯ୍ୟର ତଦାରଖ କରୁଛନ୍ତି।

ଭିତ୍ତିଭୂମି ଓ ପିଲାମାନଙ୍କୁ ସୁବିଧା ଅସୁବିଧାର ତଦାରଖ କରିଥିଲେ। ସ୍ଥାନୀୟ ଅଞ୍ଚଳର କୌଣସି ଶିଶୁ ଶିକ୍ଷା ଗ୍ରହଣରୁ ବଞ୍ଚିତ ନ ହେବାକୁ ସେ ଗୁରୁତ୍ୱ ଦେଇଛନ୍ତି। ଏହି ଦିଗରେ ରାଜ୍ୟ ସରକାର, ଜିଲା ପ୍ରଶାସନ ଓ ଶିଶୁ ଅଧିକାର ଆୟୋଗ ସଜାଗ ଓ ପ୍ରତିବଦ୍ଧ ଅଛନ୍ତି ବୋଲି କହିଛନ୍ତି। କୋଟିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ଛାତ୍ରାବାସ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟର କିଛି ସମସ୍ୟାର ତୁରନ୍ତ ନିରାକରଣ ପାଇଁ ସେ ଜିଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଟିଆର ପ୍ରାକୃତିକ ସୌନ୍ଦର୍ଯ୍ୟ, ପରିମଳ ଓ ସ୍ୱଚ୍ଛ ପରିବେଶକୁ ଅଧ୍ୟକ୍ଷା ପ୍ରଶଂସା କରିଛନ୍ତି। ଗସ୍ତ ସମୟରେ ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଭି. ଅର୍ନପୂର୍ଣ୍ଣା ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟସ୍ଥିତ ସଦ୍‌ଭାବନା ଗୃହରେ ଜିଲାପାଳଙ୍କ ଆବାହନରେ ଏକ ସମୀକ୍ଷା ବୈଠକ କରାଯାଇଛି। ଏଥିରେ ଅଧ୍ୟକ୍ଷା ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

## ଏନ୍‌କେଟି ରୋଡ୍ ପ୍ରଶସ୍ତୀକରଣ ନେଇ ମାପଚୁପ ଆରମ୍ଭ

ଜୟପୁର, ୧୬।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହରର ଏମ୍‌ଜିରୋଡ୍, ଜୟନଗର ଓ ଏନ୍‌କେଟି ରୋଡ୍‌ରୁ ଜବରଦଖଲ ସହ ପ୍ରଶସ୍ତୀକରଣ ପାଇଁ ଉଚ୍ଛେଦ ନେଇ ପ୍ରଶାସନ ପକ୍ଷରୁ ମାପଚୁପ ଗୁରୁବାର ଆରମ୍ଭ ହୋଇଛି। କଣ୍ଡରାସାହି ଛକଠାରୁ ପୁରୁଣାଗଡ଼ ଛକ ଯାଏ ରାସ୍ତା ସମ୍ପ୍ରସାରଣ ହେବ। ଜବରଦଖଲ ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଏହାପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ନିର୍ଦ୍ଦେଶକ୍ରମେ ମାପଚୁପ କରାଯାଇଛି। କଣ୍ଡରା ସାହି ଛକଠାରୁ ହୋଟେଲ ମଧୁମତି ଯାଏ ୨୭ ଫୁଟିଆ ରୋଡ୍ ହେବ। ମଧୁମତିଠାରୁ ଇନ୍ଦିରା ଛକ ଯାଏ ୪୦ ଫୁଟିଆ ରୋଡ୍ ହେବ। ୨ରୁ ୫ ଫୁଟ ରାସ୍ତା ଜବରଦଖଲ ହୋଇଥିବା ଜଣାପଡ଼ିଛି। ପ୍ରତିଦିନ



ପ୍ରଶାସନ ପକ୍ଷରୁ ମାପଚୁପ କରାଯାଉଛି।

ଏହି ରାସ୍ତାରେ ଟ୍ରାଫିକ୍ ସମସ୍ୟା ଲାଗି ରହୁଥିବାରୁ ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ରାସ୍ତା ଚଉଡା ହେବ ଟ୍ରାଫିକ ସମସ୍ୟା ରହିବ ନାହିଁ। ପ୍ରଶାସନର ଏଭଳି ପଦକ୍ଷେପକୁ ଜୟପୁରବାସୀ ସ୍ୱାଗତ କରିଛନ୍ତି। ପୌର କର୍ମଚାରୀ, ରାଜସ୍ୱ ବିଭାଗ ଓ ପୋଲିସ ଉପସ୍ଥିତ ଥିଲେ। ରାଜସ୍ୱ ବିଭାଗର ସୁପରଭାଇଜର ହରିହର ଶତପଥୀ, ଏଆର୍‌ଆଇ ସରୋଜ ପାଢ଼ୀ, ଅମିନ ଶୁଭସ୍ମିତା ଜେନା, ଅବିନାଶ ସାନ୍ତ୍ରାପାତ୍ର, ପରିମଳ ନିରୀକ୍ଷକ ସତ୍ୟନାରାୟଣ ପାତ୍ର ଓ ଟାଉନ ପୋଲିସ ଉପସ୍ଥିତ ଥିଲେ।

## ଋଣମେଳାରେ ଏସ୍‌ଏଚ୍‌ଜିଙ୍କୁ ୧ କୋଟିର ସହାୟତା




କାର୍ଯ୍ୟକ୍ରମରେ ବିଧାୟକ ରୁପୁ ଭତ୍ରା ଏସ୍‌ଏଚ୍‌ଜି ମହିଳାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ।

କୁନ୍ଦୁରା, ୧୬।୪(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନଶକ୍ତି ଋଣ ମେଳା ଗୁରୁବାର ଅନୁଷ୍ଠିତ ହୋଇଛି। ବିଡିଓ ପି.ମନସ୍ୱିତାଙ୍କ ଅଧ୍ୟକ୍ଷତାରେ ବିଧାୟକ ରୁପୁ ଭତ୍ରା ଯୋଗଦେଇଥିଲେ। ଦଳଗତ ଋଣ ନେଇ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ବ୍ୟବସାୟରେ ବିନିଯୋଗ କରି ଲାଭବାନ ହେବାକୁ କହିଛନ୍ତି। ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ସେ କହିଛନ୍ତି। ମେଳାରେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଠିଆ ଉପସ୍ଥିତ ଥିଲେ। ବ୍ଲକରେ ଗ୍ରୁପ ମାଣ୍ଡିଆ ଚାଷ ଓ ବ୍ୟବସାୟ କରି ଲାଭବାନ ହୋଇପାରିବେ। ମେଳାରେ ବ୍ଲକର ୧୬ ମହିଳା ଏସ୍‌ଏଚ୍‌ଜିଙ୍କୁ ୧ କୋଟିର ଋଣ ଚେକ ମାଧ୍ୟମରେ ପ୍ରଦାନ କରାଯାଇଛି। ମିଶନଶକ୍ତି ଦ୍ୱାରା ପରିଚାଳିତ ୧୧୮୫ ଏସଏଚଜିରୁ ମାର୍ଚ୍ଚ ସୁଦ୍ଧା ମୋଟ ୫୭୬ ଏସ୍‌ଏଚ୍‌ଜିକୁ ସମୁଦାୟ ୧୯ କୋଟି ୧୭ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଗତ ୨୫-୨୭ ବର୍ଷରେ ୪୮୩ ଏସଏଚଜି ମୋଟ ୪୩ ଲକ୍ଷ ୪୭ ହଜାର ୬୦ ଟଙ୍କା ସୁଧ ଫେରସ୍ତ ପାଇଥିବା ମିଶନଶକ୍ତି ବ୍ଲକ ସଂଯୋଜକ ବିନୋଦ କୁମାର ବିଶୋୟୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ, ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ, କୁନ୍ଦୁରା ସରପଞ୍ଚ ଲବ ପରଜା, ସମିତିସଭ୍ୟ ଦାମୋଦର ଗଣ୍ଡା, ରାଣୀଗୁଡ଼ା ସରପଞ୍ଚ ଶିବ ପ୍ରଧାନୀ, ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଏଲସି ମାଣିକ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସ୍କୁଟି, ବାଇକ୍ ଧକ୍କା: ଜଣେ ମୃତ

ସୁନାବେଡ଼ା/ସେମିଳିଗୁଡ଼ା, ୧୬।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ନନ୍ଦପୁର ରାସ୍ତା କାଜୁ ଫେକ୍ଟ୍ରି ନିକଟରେ ଏକ ସ୍କୁଟି ରାସ୍ତାକଡ଼ରେ ଥିବା ବେଳେ ବାଇକ୍ ଧକ୍କା ଦେବାରୁ ଜଣଙ୍କ ଗୁରୁବାର ମୃତ୍ୟୁ ହୋଇଛି। ଏଥିରେ ୨ ଜଣ ଗୁରୁତର ରହିଛନ୍ତି। ମୃତକ ହେଲେ ପିଟାଗୁଡା ପଞ୍ଚାୟତ କୁମ୍ଭାରିପୁଟ ଗାଁର ଗୋଲୁ ଛେଦ ନାୟକଙ୍କ ପୁଅ ଧନପତି ଛେଦ ନାୟକ(୨୪)। ସୂଚନାନୁଯାୟୀ, ଗୁରୁବାର ରାସ୍ତା କଡ଼ରେ ଥିବା ସ୍କୁଟି(ଓଡି ୧୦-ୟୁ-୦୪୫୨)କୁ ସେମିଳିଗୁଡାରୁ ପିଟାଗୁଡା ଅଭିମୁଖେ ଯାଉଥିବା ବାଇକ(ଓଡି ୧୦-ଏସି-୦୨୨୭) ଧକ୍କା ଦେଇଥିଲା। ଏଥିରେ ବାଇକରେ ଥିବା ୨ ଯୁବକଙ୍କ ସହ ସ୍କୁଟି ଚାଳକ ଗୁରୁତର ହୋଇଥିଲେ। ସେମିଳିଗୁଡ଼ା ଥାନା ଏଏସ୍ଆଇ ବିରଞ୍ଚିବାଣୁଆ ଓ ସହକର୍ମୀ ଘଟଣାସ୍ଥଳରେ ପହଞ୍ଚି ୨ ଗୁରୁତରଙ୍କୁ ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଧନପତିଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ବିକାଶ ଦିଶାରୀଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସ୍କୁଟିରେ ଥିବା ପଞ୍ଚାନନ ସାହୁଙ୍କୁ ସ୍ଥାନୀୟ ଅଞ୍ଚଳ ଏମ୍. ରମେଶ ଓ ବଟ ମହାରଣା କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲ ନେଇଛନ୍ତି। ଖବର ଲେଖା ହେବା ଯାଏ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ପୋଲିସ ତଦନ୍ତ ଜାରି ରଖିଛି।

### ଷଣ୍ଢ ଆକ୍ରମଣରେ ବୃଦ୍ଧ ଗୁରୁତର

ବୁଗୁଡା, ୧୬।୪ (କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ବାଲିପଦର ଗ୍ରାମସ୍ଥ ନୀଳକଣ୍ଠ ମନ୍ଦିର ନିକଟରେ ଜନୈକ ବୃଦ୍ଧ ଷଣ୍ଢ ଆକ୍ରମଣରେ ଗୁରୁତର ହୋଇ ବୁଗୁଡା ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ଜଗନ୍ନାଥପ୍ରସାଦ ବ୍ଲକ୍ ଭୁଷଣ୍ଡପାଳ ଗ୍ରାମର ମଦନ ନାୟକ(୭୦)। ପ୍ରକାଶ ଯେ, ଗୁରୁବାର ଅପରାହ୍ନରେ ମଦନ ବାଲିପଦର ଗାଁର ନୀଳକଣ୍ଠ ମନ୍ଦିର ନିକଟରେ ଛିଡ଼ା ହୋଇଥିବା ବେଳେ ଏକ ଷଣ୍ଢ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲା। ଆକ୍ରମଣରେ ଷଣ୍ଢର ଶିଙ୍ଗ ପଶି ମଦନଙ୍କ ଡାହାଣ ପଟ ଜଙ୍ଘରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅବସ୍ଥା ସ୍ଥିର ରହିଛି।

## ଜନଗଣନା: ଘର ତାଲିକାକରଣ, ନମ୍ବରିଂ କାର୍ଯ୍ୟ ଶୁଭାରମ୍ଭ



ଅଧିକାରୀମାନେ କ୍ଷେତ୍ର ସ୍ତରରେ ତଦାରଖ କରୁଛନ୍ତି।

କୋରାପୁଟ, ୧୬।୪ (ଅମିତାଭ ବେହେରା)

ଜନଗଣନା୨୦୨୭ର ପ୍ରାରମ୍ଭିକ ପର୍ଯ୍ୟାୟ 'ଘର ତାଲିକାକରଣ ଓ ଘର ନମ୍ବରିଂ' କାର୍ଯ୍ୟ କୋରାପୁଟ ଜିଲାରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନେତୃତ୍ୱରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସମ୍ପନ୍ନ ହୋଇଛି। ସୂଚନାନୁଯାୟୀ, ଏହି କାର୍ଯ୍ୟ ୧୮ ତାରିଖ ଯାଏ ପ୍ରତିଘଣ୍ଟା ଆଧାରରେ ଘର ନମ୍ବରିଂ ସମ୍ବନ୍ଧୀୟ ତଥ୍ୟ ଭୁବନେଶ୍ୱର ଜନଗଣନା କାର୍ଯ୍ୟାଳୟକୁ ପଠାଯାଉଛି। ଏହା ମାଧ୍ୟମରେ କାର୍ଯ୍ୟର ପ୍ରଗତିକୁ ନିୟମିତ ଭାବେ ନିରୀକ୍ଷଣ କରାଯାଉଛି। ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। କାର୍ଯ୍ୟରେ କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ, ବରିଷ୍ଠ ନୋଡାଲ ଅଧିକାରୀମାନେ କ୍ଷେତ୍ରସ୍ତରରେ ପର୍ଯ୍ୟବେକ୍ଷଣ କରୁଛନ୍ତି। ତହସିଲଦାର ଓ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟର ତଦାରଖ କରୁଛନ୍ତି।

## ସିବିଏସ୍‌ଇ ଦଶମ ପରୀକ୍ଷା : ସେମିଳିଗୁଡ଼ା ଓଏଭିର ସଫଳତା

ସୁନାବେଡା/ସେମିଳିଗୁଡ଼ା, ୧୬।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସିବିଏସଇ ଦଶମ ଶ୍ରେଣୀ ପରକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ପୁଙ୍ଗାରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପାସହାର ୯୬. ୦୮ ପ୍ରତିଶତ ଥିବା ସ୍କୁଲ ଅଧ୍ୟକ୍ଷ ମାନୁଆଲ ଚନ୍ଦ୍ର ପାଇକ ସୂଚନା ଦେଇଛନ୍ତି।



କୃତୀ ଛାତ୍ର।

ଚଳିତବର୍ଷ ମୋଟ ୫୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୯ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଭୂକେଶ ପାଣିଗ୍ରାହୀ ସର୍ବାଧିକ ୯୪. ୬ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସତ୍ୟବ୍ରତ ସେନାପତି ୮୮. ୪ ପ୍ରତିଶତ ରଖି ଦ୍ୱିତୀୟ ହୋଇଛନ୍ତି। ସ୍କୁଲର ୨୭ଜଣ ପ୍ରଥମ, ୧୬ଜଣ ଦ୍ୱିତୀୟ ଓ ୬ଜଣ ତୃତୀୟ ହୋଇଛନ୍ତି।

## କୋରାପୁଟ ଛାତ୍ରୀଙ୍କ ରାଜ୍ୟସ୍ତରରେ କୃତିତ୍ୱ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

କୋରାପୁଟ, ୧୬।୪(ଅମିତାଭ ବେହେରା)

କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟ ସ୍ନାତକୋତ୍ତର ପ୍ରଥମବର୍ଷ ଓଡ଼ିଆ ବିଭାଗର ଛାତ୍ରୀ ଆକାଂକ୍ଷା ଚୌଧୁରୀ ରାଜ୍ୟସ୍ତରରେ ସାହିତ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି। ଓଡ଼ିଆ ପକ୍ଷ ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଜୟପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଭାଗ ନେଇ ସେ କ୍ଷୁଦ୍ରଗଳ୍ପ ଲିଖନରେ ସମଗ୍ର ଓଡ଼ିଶାରେ ପ୍ରଥମ ହୋଇଛନ୍ତି। ପଣାସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ଭୁବନେଶ୍ୱରସ୍ଥିତ ଓୟୁଏଟି ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ପୁରସ୍କାର ରାଶି ସହ ସମ୍ବର୍ଦ୍ଧିତ କରିଥିଲେ। ଉପମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟ ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଅକ୍ଷୟ ତୃତୀୟା, ରଥକାଠ ଅନୁକୂଳ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଦେବୋତ୍ତର କମିଟିର ସଦସ୍ୟମାନେ।

ନନ୍ଦପୁର, ୧୬।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ଜଗନ୍ନାଥ ମନ୍ଦିରରେ ଅକ୍ଷୟ ତୃତୀୟା ଓ ରଥ କାଠ ଅନୁକୂଳ ନୀତି ପାଳନ ପାଇଁ ଦେବୋତ୍ତର କମିଟି ପକ୍ଷରୁ ନନ୍ଦପୁର ତହସିଲଦାର ତଥା ଦେବୋତ୍ତର କମିଟି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ତହସିଲଦାର ଦେବବ୍ରତ ମହାରଣା, ସଦସ୍ୟ ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗୀ, ଗୋପାଳ ମାଟାମ, ଲିଙ୍ଗରାଜ ଚୌଧୁରୀ, ତୁଷାର କାନ୍ତ ମହାନ୍ତି ଉପସ୍ଥିତ ଥିଲେ। ପୂଜକ ଅନିଲ କୁମାର ପଣ୍ଡା ୨୦ ତାରିଖରେ ସୂର୍ଯ୍ୟୋଦୟ ସମୟରୁ ମନ୍ଦିରରେ ଅକ୍ଷୟ ତୃତୀୟା ବିଧି ସହ ସକାଳ ୭ଟା ୨୦ରେ ରଥ କାଠ ଅନୁକୂଳ କରାଯିବ ବୋଲି ସୂଚନା ଦେଇଛନ୍ତି। ରଥ କାଠ ଅନୁକୂଳ ପାଇଁ ଆବଶ୍ୟକ କାଠ ସଂଗ୍ରହ କରାଯିବ ବୋଲି ତହସିଲଦାର ମହାରଣା କହିଛନ୍ତି।

## ଅଗ୍ନିଶମ ବାହିନୀର ମକ୍‌ଡ୍ରିଲ୍

ନନ୍ଦପୁର, ୧୬।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥିବା ପଞ୍ଚାୟତ ନେତାଜୀ ଉଚ୍ଚ ବିଦ୍ୟାଳୟରେ ଅଗ୍ନିଶମ ବାହିନୀ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ପାଇଁ ଗୁରୁବାର ମକ୍‌ଡ୍ରିଲ୍ କରାଯାଇଛି। ନନ୍ଦପୁର ଅଗ୍ନିଶମ ବାହିନୀ କେନ୍ଦ୍ରାଧିକାରୀ ହେମନ୍ତ କୁମାର ସାମଲ, ମୁଖ୍ୟ ଅଗ୍ନିଯୋଦ୍ଧା ଜି.ଚେନୟା ରେଡ୍ଡୀ, ଅଗ୍ନିଯୋଦ୍ଧା ପ୍ରକାଶ କିଶାନ, ଥବିର ଭୋଇ ଓ ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମକର୍ତ୍ତାଙ୍କୁ ବିଭିନ୍ନ ବିପର୍ଯ୍ୟୟ ବେଳେ ବିଚଳିତ ନ ହେବା, ସ୍ଥିର ମନା ହୋଇ ସତର୍କତାରେ ମୁକାବିଲା କରି ନିଜ ସହ ଅନ୍ୟମାନଙ୍କ ରକ୍ଷା କରିବାକୁ ବିଭିନ୍ନ କଳାକୌଶଳ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଗଦୀଶ ଚନ୍ଦ୍ର ପଣ୍ଡା ଓ ଅନ୍ୟ ସହକର୍ମୀ ଉପସ୍ଥିତ ଥିଲେ।



ଅଗ୍ନିଶମ ବାହିନୀ କର୍ମଚାରୀ କଳାକୌଶଳ ପ୍ରଦର୍ଶନ କରୁଛନ୍ତି ।

## 'ହେଲୋ ରିଲେଶନ୍' ଶ୍ରେଷ୍ଠ ନାଟକ ପୁରସ୍କୃତ

**ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ**

ଦାମନଯୋଡି, ୧୬।୪(ନରସିଂହ ବ୍ରହ୍ମା)

କୋରାପୁଟ ଜିଲା ଦାମନଯୋଡ଼ି ନାଲକୋ ଓପନ ଏୟାର ପାଣ୍ଡାଲରେ ଚାଲିଥିବା ରାଜ୍ୟସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗିତା ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ରାଉରକେଲା ପ୍ରତିବିମ୍ବର ନାଟକ ହେଲୋ ରିଲେସନ ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ହୋଇଛି। ପ୍ରଫୁଲ୍ଲ କୁମାର ସେଠୀ ଶ୍ରେଷ୍ଠ ନିର୍ଦ୍ଦେଶକ, ପ୍ରଭାକର ପାତ୍ର ଶ୍ରେଷ୍ଠ ନାଟ୍ୟକାର ଓ ପ୍ରଣବ କୁମାର ପାଣିଗ୍ରାହୀ ଶ୍ରେଷ୍ଠ ଅଭିନେତା ଭାବେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱର ପ୍ରତିଭା



କଳାକାରମାନେ ମଞ୍ଚରେ ନାଟକ ପରିବେଷଣ କରୁଛନ୍ତି।

ନାଟ୍ୟ ପରିଷଦର ନାଟକ ଅବଶିଷ୍ଟ ଜହ୍ନରାତିର ନାୟିକା ଅର୍ଚ୍ଚିତା ଦାଶ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ପାଇଛନ୍ତି। ପ୍ରତିଭା ନାଟ୍ୟ ପରିଷଦର ନାଟକ ଅବଶିଷ୍ଟ ଜହ୍ନରାତି ଦ୍ୱିତୀୟ ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ହୋଇଛି। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୮ ଦଳ ଭାଗ ନେଇଥିଲେ। ରମାକାନ୍ତ ମିଶ୍ର, ନବଦ୍ୱୀପ ମହାଲିକ, ଦୀନେଶ ଦାସ ବିଚାରକ ଥିଲେ। ପଞ୍ଚପଟ୍ଟମାଳୀ ନାଟ୍ୟ ସମ୍ମାନରେ ମନ୍ମଥ କୁମାର ଶତପଥି ଓ ଚିନ୍ମୟ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଛି। ଉତ୍ସବରେ ନାଲକୋ ଇଡି ଭିଏସ୍.ଏସ୍. ଆନନ୍ଦ, ସିଜିଏମ୍ ସୁଗୋତ ଆନନ୍ଦ ବସୁ ମଞ୍ଚାସୀନ ଥିଲେ। ପଞ୍ଚପଟ୍ଟମାଳୀ ନାଟ୍ୟ ସଂସଦ ସଭାପତି ବିଚ୍ଛନ୍ଦ ଚରଣ ଦାଶ, ସମ୍ପାଦକ ନିର୍ମଳ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

